ଶନିବାର, ୨୮ ଫେବୃଆରୀ, ୨୦୨୬

# ପିଲାଙ୍କ ଧରିତ୍ରୀ





୬ କହିଲ ଦେଖି



୭ ଜଣା ଅଜଣା



୨



୩ ପ୍ରଚ୍ଛଦ

# ସ୍ନେହର ଡୋର

ଗପ



ମିତା ଆଉ ମିଟୁ। ଦୁହେଁ ଭାଇ ଭଉଣୀ। ଗୋଟିଏ ସ୍କୁଲରେ ଆଗ ପଛ ହୋଇ ପାଠ ପଢ଼ନ୍ତି। ସାଙ୍ଗ ହୋଇ ସ୍କୁଲକୁ ଯାଆନ୍ତି ଆଉ ଫେରନ୍ତି। ବାଟରେ ଗଲାବେଳେ କେତେ ମଜା କଥା ହୋଇ ମନ ଆନନ୍ଦରେ ସମୟ ଅନୁସାରେ ପହଞ୍ଚି ଯାଆନ୍ତି। ଉପରବେଳା ଫେରିଲା ବେଳେ ରାସ୍ତାରେ ସବୁଦିନ ଗୋଟେ ପିଲାକୁ ଦେଖନ୍ତି। ସେ ସେଠାକୁ ପଡିଆରେ ଘୁଷୁରି ଚରାଇବା ପାଇଁ ଆସେ। ସେଇ ଭାଇ ଭଉଣୀ ଦୁହିଁକୁ ଦେଖି କିଛି ନ କହିଲେ ବି ଖାଲି ବିକଳ ହୋଇ ଚାହିଁ ରହେ।

ପିଲାଟି ସବୁଦିନ ଚାହିଁବା ଭିତରେ ତାକୁ ଥରେ ସେମାନେ ତା'ର ନାଁ କ'ଣ ବୋଲି ପଚାରିଲେ। ସେ ତା'ର ନାଁ ମନୁ ବୋଲି କହିଥିଲା। ଯିବା ଆସିବା ଭିତରେ ସମସ୍ତେ ସେଇ ପଡିଆରେ ଭେଟ ହୋଇ କିଛି ସମୟ କଥା ହେବା ପରେ ପୁଣି ଫେରିଯାଆନ୍ତି। ଦିନେ ସେମାନେ କଥା ହେଲାବେଳେ ମିଟୁ କହିଲା- ତୁ ପାଠ ପଢୁନୁ, ତତେ ସ୍କୁଲ ଯିବାକୁ ପଡୁନି କି ହୋମ୍‌ୱର୍କ କରିବାକୁ ପଡୁନି। ସବୁବେଳେ ବୁଲୁଚୁ, ମଜାକରୁଚୁ। ଏତିକି କହି ହସିଦେଲା। କିନ୍ତୁ ମିଟୁର କଥା ଶୁଣି ମନୁ ହଠାତ୍ କାନ୍ଦି ପକେଇଲା। ତାକୁ ତ କେହି ଗାଳି କି ମାଡ଼ ମାରି ନାହାନ୍ତି ଏପରି କାନ୍ଦିବାର ମାନେ ଦୁହେଁ ପଚାରିଲେ।

ସେ ଆଖିରୁ ଲୁହ ପୋଛି କହିଥିଲା, ମୁଁ ପାଠ ପଢ଼ିପାରିଲି ନାହିଁ ବୋଲି ମୋତେ ତ ଦୁଃଖ ଲାଗେ ନିଶ୍ଚୟ। ତା' ଠାରୁ ବେଶି ଦୁଃଖ ହେଉଛି ମୁଁ ଘରେ ମୋ ସାନ ଭଉଣୀକୁ ଛାଡ଼ି ଦେଇ ଆସିଛି। ତା' କଥା ମୋର ଏଠି ସବୁଦିନ ମନେପଡେ। ଘରେ ଥିଲେ ତା' ସହିତ କେତେ ଖେଳିଥାନ୍ତି। ସେ ମୋତେ ଭାଇ କହି ପଛରେ ଗୋଡ଼ାଇ ଆସି ପିଠିକୁ ଗେଲରେ କେତେ ମାଡ଼ ମାରେ। ତୁମ ଦୁଇ ଜଣଙ୍କୁ ଏକାଠି ଦେଖି ସାଙ୍ଗରେ ଖେଳିଲେ ମୋର ଦୁଃଖ ଆପେ ଚାଲି ଯାଏ। ଆମ ଘରେ ଅଭାବ ଅସୁବିଧା ଥିବାରୁ ବାପା ମତେ ଘୁଷୁରି ଚରାଇବା ଲାଗି ଛାଡ଼ି ଦେଇଛନ୍ତି। ଅଭାବ ଅସୁବିଧା ପାଇଁ ଆମେ ଦି ଜଣ ପାଠ ପଢି ପାରୁନୁ।

ସେ ଭାଇ ଭଉଣୀ ଦୁହେଁ ମନୁର କଥା ଶୁଣି ତାକୁ ବୁଝେଇ କହିଲେ, ତୁ କେବେ ନିଜକୁ ଏକା ଭାବିବୁ ନାହିଁ, ଆମେ ତୋ ପାଖରେ ସବୁବେଳେ ରହିଥିବୁ। ସବୁଦିନ ତୋ ସହିତ ଖେଳିବୁ, ଆଉ ତୋର ପାଠ ପଢିବା ପାଇଁ ମଧ୍ୟ ବ୍ୟବସ୍ଥା କରିବୁ। ଏ କଥା ଶୁଣିବା ପରେ ମନୁର କାନ୍ଧ କୁଆଡ଼େ ଉଭେଇ ଗଲା। ସନ୍ଧ୍ୟା ହୋଇ ଆସିବାରୁ ମନୁ ସେମାନଙ୍କଠାରୁ ବିଦାୟ ନେଇ ଘୁଷୁରିମାନଙ୍କୁ ଧରି ସେଠାରୁ ଚାଲି ଯାଇଥିଲା। ମନୁର ପାଠ ପଢା ପ୍ରତି ଥିବା ଆଗ୍ରହ ସମ୍ପର୍କରେ ସେମାନେ ତାଙ୍କ ବାପାଙ୍କୁ ଜଣାଇଲେ। ସେମାନଙ୍କ ଠାରୁ ଏକଥା ଶୁଣି ତାଙ୍କ ବାପା କହିଲେ ସରପଞ୍ଚଙ୍କୁ କହି ମୁନା ଓ ତା ଭଉଣୀର ପାଠପଢାର ବ୍ୟବସ୍ଥା କରିଦେବେ। ଏକଥା ଶୁଣି ସେମାନେ ବହୁତ ଖୁସି ହୋଇଗଲେ।

– **ସତ୍ୟନାରାୟଣ ପ୍ରଧାନ,** ଅଣ୍ଟିଆ, ଯାଜପୁର
ମୋ: ୯୧୭୮୩୧୩୬୪୪

# ଯେଉଁଠି ଅଧିକ ଲୋକ ଗେଡ଼ା



କେତେକ ସ୍ଥାନରେ ଗେଡା ଲୋକଙ୍କୁ ଦେଖିବାକୁ ମିଳିଥାଏ। ହେଲେ ଏମିତି ଏକ ଅଞ୍ଚଳ ଅଛି ଯେଉଁଠି ସବୁ ଲୋକ ଗେଡା। ଆଶ୍ଚର୍ଯ୍ୟ ମନେ ହେଉଥିଲେ ବି ଏମିତି କେତେଗୁଡିଏ ଦେଶ ଅଛି ଯେଉଁଠି ସବୁ ଲୋକଙ୍କ ଉଚ୍ଚତା କମ୍। ଏଭଳି ଏକ ଦେଶ ହେଉଛି ତିମୋର ଲେସ୍ତେ। ଦକ୍ଷିଣ ଏସିଆର ଏହି ଦ୍ୱୀପାଞ୍ଚଳରେ ରହୁଥିବା ଲୋକମାନଙ୍କର ଉଚ୍ଚତା ବିଶ୍ୱର ଅନ୍ୟ ସବୁ ଦେଶର ଲୋକଙ୍କ ତୁଳନାରେ କମ୍। ଏଠାରେ ପୁରୁଷଙ୍କ ହାରାହାରି ଉଚ୍ଚତା ୫ଫୁଟ ୩ ଇଞ୍ଚ ଓ ମହିଳାଙ୍କ ହାରାହାରି ଉଚ୍ଚତା ୪ ଫୁଟ ୧୧.୫ ଇଞ୍ଚ। ଗ୍ଲୋବାଲ ହାଇଟ୍ ରାଙ୍କ୍ ଅନୁସାରେ ଏହା ହେଉଛି ସବୁଠୁ କମ୍।

ବିଶେଷଜ୍ଞଙ୍କ କହିବା ଅନୁସାରେ ଏଠାରେ ସମସ୍ତଙ୍କର ଉଚ୍ଚତା ଏତେ କମ୍ ହେବାର କାରଣ ମୁଖ୍ୟତଃ କୁପୋଷଣ। ବାଲ୍ୟାବସ୍ଥାରେ ଉପଯୁକ୍ତ ପରିମାଣରେ ପ୍ରୋଟିନ୍, ଭିଟାମିନ୍ ଓ ଆବଶ୍ୟକ ପରିମାଣର ମାଇକ୍ରୋ ନ୍ୟୁଟ୍ରିସନ୍ ଅଭାବରୁ ଠିକ୍‌ଭାବରେ ଶାରୀରିକ ବିକାଶ ହୋଇପାରି ନ ଥାଏ। ଫଳରେ ବଡ ହେବା ପରେ ବି କେହି ଅଧିକ ଉଚ୍ଚତାର ହୋଇ ପାରି ନ ଥାନ୍ତି। ଏହା ବ୍ୟତୀତ ଜେନେଟିକ୍ ଗୁଣର ମଧ୍ୟ ପ୍ରଭାବ ପଡିଥାଏ। ତେଣୁ ବଂଶାନୁକ୍ରମିକ ଭାବରେ ପିଢି ପରେ ପିଢି ଏଭଳି ଗେଡା ହୋଇଥାନ୍ତି।

ତିମୋର ଲେସ୍ତେ ଏକମାତ୍ର ଦେଶ ନୁହେଁ ଆହୁରି ଅନେକ ଦେଶ ଅଛି ଯେଉଁଠାରେ ମଧ୍ୟ ଅଧିକାଂଶ ଗେଡା ଲୋକ ଅଛନ୍ତି। ଲାଓସ୍‌ରେ ପୁରୁଷଙ୍କ ହାରାହାରି ଉଚ୍ଚତା ୧୬୦.୫ ସେଣ୍ଟିମିଟର ଓ ମହିଳାଙ୍କର ୧୫୧.୩ ସେଣ୍ଟିମିଟର। ସେହିପରି ମେଡାଗାସ୍କରରେ ପୁରୁଷଙ୍କର ହାରାହାରି ଉଚ୍ଚତା ୧୬୧.୫ ସେଣ୍ଟିମିଟର ଓ ମହିଳାଙ୍କର ୧୫୧.୨ ସେଣ୍ଟିମିଟର। ସେହିଭଳି ଗୁଏଟେମାଲା ଓ ଫିଲିପାଇନ୍ସରେ ମଧ୍ୟ ଗେଡା ଲୋକଙ୍କୁ ଦେଖିବାକୁ ମିଳିଥାଏ।

## ରଙ୍ଗ ଦିଅ



## ଖିଲି ଖିଲି ହସ

ମିଣ୍ଟୁ ଓ ଚିଣ୍ଟୁ ମଧ୍ୟରେ କଥାବାର୍ତ୍ତା
ମିଣ୍ଟୁ: ମୁଁ ଆଖି ବନ୍ଦ କଲେ ବି ଦେଖିପାରେ
ଚିଣ୍ଟୁ: କ'ଣ ଦେଖାଯାଏ ତୋତେ କହ
ମିଣ୍ଟୁ: ଅନ୍ଧାର !

–ରିଆ ତା' ବଡ଼ ଭଉଣୀ ନିଆକୁ କହିଲା–ଦିଦି ମୁଁ ଏବେ ଲେଖି ଜାଣିଲିଣି
ନିଆ: ନେ, ରିଆ ଏ ନୋଟ୍‌ବୁକ୍ ସେଥିରେ ମୋତେ ଲେଖି କି ଦେଖା
ରିଆ: ତେଢ଼ାମେଢ଼ା ଗାର ଟାଣି ଥିଲା ସେ ନୋଟ୍‌ବୁକ୍‌ରେ
ନିଆ: ଏ କ'ଣ ଲେଖିଛୁ ନୋଟ୍‌ବୁକ୍‌ରେ ମୋତେ କହ
ରିଆ: ଦିଦି, ମୁଁ ଖାଲି ଲେଖିବା ଶିଖିଛି କହିପାରିବିନି ଯେ କ'ଣ ଲେଖିଛି !

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

❖ କହିଲ ଦେଖି ସ୍ତମ୍ଭଟି ପଢ଼ିବାକୁ ଭଲ ଲାଗୁଛି। କାରଣ ଏଥିରେ ବିଭିନ୍ନ ପ୍ରକାର ଶିକ୍ଷଣୀୟ ଜିନିଷ ପ୍ରକାଶ ପାଇଥାଏ।
**–ରିତୁପର୍ଣ୍ଣା ମହାନ୍ତି, ମହାକାଳପଡା, କେନ୍ଦ୍ରାପଡା**

❖ 'ପରୀକ୍ଷା ଓ ନିଦ' ପାଠଟି ନିହାତି ଉପାଦେୟ ହୋଇଛି।
**–ରାଜକିଶୋର ରାୟ, ନୟାଗଡ଼**

❖ ଆଇନାରେ ପ୍ରକାଶିତ ହୋଇଥିବା ଫଟୋ ଦୁଇଟି ସୁନ୍ଦର ହୋଇଥିଲା।
**–ବିକ୍ରମ ପାଇକରା, ବ୍ରହ୍ମପୁର**

ରଙ୍ଗର ପର୍ବ ହୋଲି। ଆମ ଦେଶରେ ଏହା ଅନ୍ୟତମ ପ୍ରମୁଖ ଉତ୍ସବ। ଜାତି, ଧର୍ମ ନିର୍ବିଶେଷରେ ପ୍ରାୟ ସମସ୍ତେ ମିଶି ଏହାକୁ ପାଳନ କରନ୍ତି। ଆଉ ଦିନ କେଇଟା ପରେ ହୋଲି ଆସୁଥିବାରୁ ପିଲାମାନଙ୍କ ମନରେ ଢେର୍ ଉତ୍କଣ୍ଠା। ତେଣୁ ସେମାନେ ସୁରକ୍ଷିତ ଭାବେ ହୋଲି ଖେଳିବା ଲାଗି କେତୋଟି ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ...





# ଆସୁଛି ହୋଲି

ହୋଲି ଖେଳିବା ସମୟରେ ବିଶେଷଭାବରେ ପିଲାମାନେ ସତର୍କ ରହିବା ଦରକାର। କାରଣ ସେମାନେ ଏହି ସମୟରେ ଏଭଳି ରଙ୍ଗ ଲଗାଇବାରେ ମସ୍‌ଗୁଲ ହୋଇଯାଆନ୍ତି ଯେ ରଙ୍ଗର ଖରାପ ପ୍ରଭାବ ବିଷୟରେ ସଚେତନ ରହିବାକୁ ଭୁଲି ଯାଆନ୍ତି। ପିଲାମାନେ ହୋଲି ସମୟରେ ନିଜକୁ ସୁରକ୍ଷିତ ରଖିବା ଲାଗି କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଦରକାର।

## ପୋଷାକପତ୍ର

ପିଲାମାନେ ହୋଲି ଖେଳିବା ପୂର୍ବରୁ ଫୁଲ୍ ତଥା କଟ୍‌ନ ଡ୍ରେସ ପିନ୍ଧିବା ଆବଶ୍ୟକ। ଆଖିର ସୁରକ୍ଷା ଲାଗି ଚଷମା ଓ ମୁଣ୍ଡରେ ଟୋପି ବ୍ୟବହାର କରନ୍ତୁ।

## ସୁରକ୍ଷିତ ରଙ୍ଗ

ହୋଲି ଖେଳିବା ଲାଗି ସୁରକ୍ଷିତ ରଙ୍ଗ ବ୍ୟବହାର କରିବା ଦରକାର। ଆଜିକାଲି ବଜାରରେ ବିଭିନ୍ନ ପ୍ରକାର ରଙ୍ଗ ମିଳୁଛି। ସେଗୁଡିକରେ ପ୍ରାୟ କେମିକାଲ ପରିମାଣ ଅଧିକ ରହୁଛି। ଏଭଳି ରଙ୍ଗରେ ହୋଲି ଖେଳିଲେ ତାହା ଚର୍ମକୁ କ୍ଷତି ପହଞ୍ଚାଇ ବାର ଆଶଙ୍କା ରହିଥାଏ। ତେଣୁ ବର୍ତ୍ତମାନ ବଜାରରେ ମିଳୁଥିବା ହର୍ବାଲ ରଙ୍ଗ ଏବଂ ଅବିରରେ ହୋଲି ଖେଳିଲେ ଭଲ।

## କେଶର ଯତ୍ନ

ହୋଲି ଖେଳିବା ପୂର୍ବରୁ ଶରୀର ଏବଂ କେଶରେ ନଡିଆ ତେଲ ଭଲଭାବେ ଲଗାଇ ନିଅନ୍ତୁ। ଏହା ପରେ ତ୍ୱଚା ଓ କେଶରେ ରଙ୍ଗ ଲାଗିଲେ ଏତେଟା କ୍ଷତି ହୋଇ ନ ଥାଏ। ପରେ ଖୁବ୍ ସହଜରେ ଛାଡିଯାଇଥାଏ।

## ପାଣି ବେଲୁନ୍‌ଠାରୁ ଦୂରେଇ ରୁହନ୍ତୁ

ପାଣି ବେଲୁନ୍‌ର ପ୍ରେସରରେ ଆଘାତ ଲାଗିବାର ସମ୍ଭାବନା ରହିଛି। ସେଥିପାଇଁ ଏହାକୁ କାହା ଉପରକୁ ପକାନ୍ତୁ ନାହିଁ। ପିଲାମାନେ ଶୁଖିଲା ଅବିର ଏବଂ ରଙ୍ଗରେ ଖେଳିବାକୁ ସବୁବେଳେ ଚେଷ୍ଟା କରନ୍ତୁ।

## ଓଦା କପଡା ପିନ୍ଧନ୍ତୁନି

ହୋଲି ଖେଳିବା ସମୟରେ ପିନ୍ଧିଥିବା ପୋଷାକ ରଙ୍ଗପାଣିରେ ଓଦା ହୋଇଯାଇଥାଏ। ତେଣୁ ଏଭଳି ଓଦା ପୋଷାକ ପିନ୍ଧି ଅଧିକ ସମୟ ରୁହନ୍ତୁ ନାହିଁ। କାରଣ ଏହାଦ୍ୱାରା ଥଣ୍ଡା ହେବାର ଆଶଙ୍କା ରହିଛି।

## ହୋଲି ଖେଳିବା ସମୟରେ..

ହୋଲି ଖେଳିବା ସମୟରେ ରଙ୍ଗ ଲାଗିଥିବା ହାତରେ ମୁହଁ, ଆଖି, ନାକକୁ ଧରନ୍ତୁ ନାହିଁ। ଏହା ପରେ ସାବୁନ୍ ଲଗାଇ ଗାଧାନ୍ତୁ। ରଙ୍ଗଖେଳିବା ପରେ ନଖ ଉଷୁମ ପାଣିରେ ଗାଧୋଇ ପାରନ୍ତି। ଗାଧୋଇବା ପରେ ମଶ୍ଚରାଇଜର ଲଗାନ୍ତୁ। ଫଳରେ ଏହାଦ୍ୱାରା ରଙ୍ଗ ଛାଡିଲା ପରେ ତ୍ୱଚା ଏତେଟା ଡ୍ରାଏ ହୋଇ ନ ଥାଏ।

ଘରଲୋକଙ୍କ ଉପସ୍ଥିତିରେ ସମସ୍ତଙ୍କ ସହିତ ହୋଲି ଖେଳନ୍ତୁ। ପିଲାମାନେ ଘରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ଖାଆନ୍ତୁ। ବାହାର ବାସି ଖାଦ୍ୟ ଖାଆନ୍ତୁ ନାହିଁ। ରଙ୍ଗ ଖେଳିବା ପରେ ଯଦି ଶରୀର ଜଳାପୋଡା ହୁଏ ତେବେ ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

## ଏମାନେ କ'ଣ କରନ୍ତି

### ହର୍ବାଲ ରଙ୍ଗରେ ହୋଲି ଖେଳିବି



ସବୁବର୍ଷ ହୋଲି ଖେଳିବା ସମୟରେ ବେଶ୍ ସତର୍କତା ଅବଲମ୍ବନ କରିଥାଏ। ଗତ କିଛି ବର୍ଷ ହେଲା ହୋଲି ଖେଳିବା ସମୟରେ ହର୍ବାଲ ରଙ୍ଗ ବ୍ୟବହାର କରୁଛି। କାରଣ ରସାୟନଯୁକ୍ତ ରଙ୍ଗ ଆମ ଶରୀର ପାଇଁ କ୍ଷତିକାରକ। ପ୍ରତିବର୍ଷ ମୁଁ ବେଶ୍ ଉତ୍ସୁକତାର ସହ ଏହି ପର୍ବକୁ ଅପେକ୍ଷା କରିଥାଏ। ଏଥର ମଧ୍ୟ ଏହି ପର୍ବର ମଜା ନେବି। ସାଙ୍ଗମାନଙ୍କ ସହ ହୋଲି ଖେଳିବି। ଗୁରୁଜନମାନଙ୍କର ପାଦରେ ଅବିର ଲଗାଇ ସେମାନଙ୍କର ଆଶୀର୍ବାଦ ନେବି। ହେଲେ ଏଥର ନିଜେ ହର୍ବାଲ ରଙ୍ଗରେ ହୋଲି ଖେଳିବା ବିଷୟରେ ମୋ ସାଙ୍ଗମାନଙ୍କୁ ମଧ୍ୟ କହଚି। ଖେଳ ସରିଲେ ସାଙ୍ଗମାନେ ଏକତ୍ର ହୋଇ ଭୋଜି କରିବାର ଯୋଜନା ରହିଛି।

**-ଆୟୁଷ ଅଂଶୁମାନ ବେହେରା,** କ୍ଲାସ-୯, ବିବେକାନନ୍ଦ ଶିକ୍ଷା କେନ୍ଦ୍ର, କୋଣାର୍କ, ପୁରୀ

### ହୋଲିର ଭରପୂର ମଜା ନେବି



ହୋଲି ହେଉଛି ରଙ୍ଗର ପର୍ବ। ପ୍ରତିବର୍ଷ ସାଙ୍ଗମାନଙ୍କ ସହ ମିଶି ହୋଲି ଖେଳେ। ଏଥର ହୋଲିରେ ମାମୁ ଘରକୁ ଯିବି। ସେଠାରେ ଏଲି ରଙ୍ଗ ଖେଳର ଭରପୂର ମଜା ନେବି। ସବୁବେଳେ ହୋଲି ଖେଳିବା ସମୟରେ ସତର୍କ ରୁହେ। ରଙ୍ଗ ଯେମିତି ଆଖିରେ ନ ପଡିବ ସେଥିପାଇଁ ଚଷମା ପିନ୍ଧେ। କାହାକୁ ବାଧ୍ୟକରି ରଙ୍ଗ ଲଗାଏ ନାହିଁ। କାରଣ ଏହା ହେଉଛି ଭାଇଚାରାର ପ୍ରତୀକ। ମାମୁଘର ଗାଁରେ ମୋର ଅନେକ ସାଙ୍ଗ ଅଛନ୍ତି। ସେମାନେ ମଧ୍ୟ ମୋ ସହ ହୋଲି ଖେଳିବାକୁ ଅପେକ୍ଷା କରିଛନ୍ତି।

**-ଇତିଶ୍ରୀ ସାହୁ,** କ୍ଲାସ-୮,
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ତୁଳସୀପୁର, କଟକ





## ତୁମ ତୂଳୀରୁ

୧

**ଅଶ୍ରୁଜିତ୍ ରାଉତ**
କ୍ଲାସ-୮, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ଗୋପ, କେନ୍ଦ୍ରାପଡା

୨

**କୀର୍ତ୍ତିପ୍ରସାଦ ସ୍ୱାଇଁ**
କ୍ଲାସ୍- ୮, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡା

୩

**ଅନନ୍ୟା ପରିଡ଼ା**
କ୍ଲାସ୍-୪, ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ ୧, ଭୁବନେଶ୍ୱର

୪

**ଅର୍ଚ୍ଚିଶା ପତି**
କ୍ଲାସ୍-୩, ଡାଫୋଡିଲ୍ସ ଇଂଲିଶ ମିଡିୟମ୍ ସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡ଼ା

୫

**ସାଦ୍ୟାନ୍ତ ଶତପଥୀ**
କ୍ଲାସ୍-୭,ମଦର୍ସ ପବ୍ଲିକ୍ ସ୍କୁଲ୍, ପୁରୀ

୬

**ଦିବ୍ୟା ଦାଶ**
କ୍ଲାସ୍- ୪, ସେଣ୍ଟ ଯୋଶେଫ ହାଇସ୍କୁଲ, ଭୁବନେଶ୍ୱର

୭

**ତନ୍ୱି ଦାଶ**
କ୍ଲାସ୍- ୫, ମଦର୍ସ ପବ୍ଲିକ ସ୍କୁଲ, ପାହାଳ, ଭୁବନେଶ୍ୱର

୮


**ଶ୍ରେୟାଂଶୀ ମହାପାତ୍ର**
କ୍ଲାସ୍- ୨, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗର, ଭୁବନେଶ୍ୱର

୯

**ଆରାଧ୍ୟା ଦ୍ୱିବେଦୀ**
କ୍ଲାସ୍-୪, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗର, ଭୁବନେଶ୍ୱର

୧୦

**ଏସ୍.ଜି. ଶ୍ରଦ୍ଧା ସାଗରିକା**
କ୍ଲାସ୍-୩, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର



୧


୨




୩



୪


୫



୬



୭




୮



୯


୧୦

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



## ଅଏଲ ପେଣ୍ଟିଂରେ ଶ୍ରଦ୍ଧାଞ୍ଜଳି

କଳାକାରଟିଏ ତା’ କଳ୍ପନାକୁ ରୂପ ଦେଇଥାଏ ଚିତ୍ରରେ। ସେଥିପାଇଁ ପେଣ୍ଟିଂରେ ବିଭିନ୍ନ ପ୍ରକାର ବାର୍ତ୍ତା ରହିଥାଏ। ଠିକ୍ ଏମିତି ଏକ ଭିନ୍ନ ଧରଣର ଅଏଲ୍ ପେଣ୍ଟିଂ କରି ବିଶ୍ୱ ରେକର୍ଡ କରିଛନ୍ତି ଜାକିର ହୁସେନ୍ ଖାନ୍। ଭାରତର ଏଇ ଚିତ୍ରକର ଜଣକ ଇସଲାମ୍ ଧର୍ମଗୁରୁ ପ୍ରଫେଟ୍ ମହମ୍ମଦଙ୍କ ବିଶ୍ରାମ ସ୍ଥଳ ଗ୍ରୀନ୍ ଡୋମ୍‌ର ଏକ ଅଏଲ୍ ପେଣ୍ଟିଂ କରିଛନ୍ତି। ତାଙ୍କର ଏହି ପେଣ୍ଟିଂ ଏକ ଟେନିସ୍ କୋର୍ଟଠାରୁ ମଧ୍ୟ ବଡ। ୨୦୨୫ ନଭେମ୍ବରରେ ସେ ଏହି ଚିତ୍ରଟି କରିଥିଲେ। ସବୁଠୁ ବଡ କଥା ହେଉଛି ଜାକିର ଏହି ଚିତ୍ରଟିକୁ ଏକୁଟିଆ ସମ୍ପୂର୍ଣ୍ଣ କରିଛନ୍ତି। ପ୍ରଫେଟ୍ ମହମ୍ମଦଙ୍କ ପ୍ରତି ତାଙ୍କର ଶ୍ରଦ୍ଧାଭାବକୁ ସେ ଏହି ମାଧ୍ୟମରେ ଦର୍ଶାଇଛନ୍ତି। ଏକକ ଚିତ୍ରକର ଭାବେ ତାଙ୍କର ଏହି ଚିତ୍ରଟି ବିଶ୍ୱର ସର୍ବବୃହତ୍ ଅଏଲ୍ ପେଣ୍ଟିଂ ହୋଇଥିବାରୁ ଏହା ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ଏହି ପେଣ୍ଟିଂ କରିବା ପରେ ଜାକିର ଫ୍ରାନ୍ସର ଚିତ୍ରକର ଗିରାର୍ଡ ଡି ମାକିଓଙ୍କ ରେକର୍ଡ ଭାଙ୍ଗିଛନ୍ତି।



## ଦୋଳ ଯାତ

ଦୋଳ ଯାତ ଆସିଲା
ନାନା ଜାତିର ଫୁଲ
ମହ ମହ ବାସିଲା
ପ୍ରଜାପତି ଡେଇଁଲା।
କଟିରେ ଘଣ୍ଟି ଘାଗୁଡ଼ି
ହାତରେ ଲଉଡି ବାଡ଼ି
ଗୋପାଳଙ୍କ ଓଗାଳରେ
ଗାଁଆ ସାରା କମ୍ପିଲା।
ଘରେ ଘରେ ପିଠାପଣା
ଆରିସା ଉଖୁଡ଼ା ଚଣା
ଛେନା ବରା କାକରାରେ
ଗାଁ ସାରା ବାସିଲା।
ଦୋଳରେ ଦୋଳଗୋବିନ୍ଦ
ବିମାନରେ ବସିଲା
ପଞ୍ଚୁରଙ୍ଗେ ଫଗୁ ଖେଳି
ମେଳଣରେ ହସିଲା।
ମେଳଣ ପଡ଼ିଆ ସାରା
କେତେ ଦୋକାନ ପସରା
ଅପେରା ନାଚ ଗୀତରେ
ଗାଁ ତୋରା ଦିଶିଲା।

**– ଗୋଲୋକବିହାରୀ ବେହେରା**
ମୋ: ୯୯୩୮୩୦୩୦୪୬

## ଦୋଳ ଓ ହୋଲି

ଫଗୁଣ ପ୍ରକାଶି ଦେଇଛି ଶୋଭା,
ଚଉଦିଗ ଦିଶେ କି ମନଲୋଭା।
ରାଧାକୃଷ୍ଣ ଦୋଳ ବିମାନେ ଝୁଲି,
ସାଇରୁ ସାଇକୁ ଆସନ୍ତି ବୁଲି।
ସଭିଙ୍କୁ ମିଳିଛି ଦର୍ଶନ ଯୋଗ,
ଧରିଛନ୍ତି ହାତେ ଫଗୁ ଓ ଭୋଗ।
ଦୋଳମଣ୍ଡପକୁ ଯିଏ ଯାଉଛି,
ଭକ୍ତିଭରେ ଠାକୁରଙ୍କୁ ଚାହୁଁଛି।
ଦରଶନେ ମଥା ଯାଉଛି ନଇଁ,
ବାଢୁଛନ୍ତି ଭୋଗ ଚଣା ଓ ଖଇ।
ଦୋକାନ ବଜାର ମନ ହରୁଛି,
ଖୁସି ଆନନ୍ଦରେ ପ୍ରାଣ ଭରୁଛି।
ଶେଷେ ରଙ୍ଗ କିଣି ଯାଆନ୍ତି ଚାଲି,
ହୋଲି ପରବଟା ପାଳିବେ କାଲି।
ଆପଣାପଣର ପରବ ହୋଲି,
ମିଶିବେ ସଭିଏଁ ମରମ ଖୋଲି।

**– ମନୋରମା ମିଶ୍ର**
ନୀଳାଦ୍ରିବିହାର, ଭୁବନେଶ୍ୱର

## ଆସିଛି ହୋଲି

ହୋଲି ଆସିଛି ଆମ ଗାଆଁକୁ
ରଙ୍ଗ ଖେଳିବା ପାଇଁ
ସାଙ୍ଗ ସାଥିଏ ଦୋଳ ମଣ୍ଡପ
ପାଖକୁ ଆସ ଧାଇଁ।
ଯାହା ମନରେ ଯାହା ବି ଅଛି
କହିବ ମନ ଖୋଲି
ରାଗ ରୁଷାକୁ ପଛେ ପକେଇ
ଖେଳିବା ଆମେ ହୋଲି।
ଗୀତର ତାଳେ ତାଳେ ନାଚିବା
ହୋଇକି କୋଳାକୋଳି
ହଳଦୀ ନାଲି ନେଳିଆ ରଙ୍ଗ
ହୋଇବା ବୋଳାବୋଳି।
ପର ଆପଣା ବିଚାର ନାହିଁ
ଏକ ଆମରି ମନ
ଆମ ଖୁସିରେ ଖୁସି ହୋଇବେ
ଗାଆଁର ଗୁରୁଜନ।
ବରଷେ ଥରେ ଆସୁଛି ହୋଲି
ଗଣ ପରବ ନାମେ
ହୋଲିରେ ଗଛ ଲଗାଇ ଥିଲେ
ଆସିବ ଦିନେ କାମେ।

**– ଜଗଦୀଶ ସାହୁ**
ମୋ: ୯୦୭୮୧୮୫୬୧୬

## ଗୋପାଳ କୁଳେ ଆନନ୍ଦ

ମଳୟ ପରଶ ଫଗୁଣ ମାସ
ସବୁ ଗୋପାଳଙ୍କ ମନ ହରଷ।
ଗୋମୟ ଲିପାରେ ଘର ଦୁଆର
ଚିତା ଆଦି ଦିଶେ ଭାରି ସୁନ୍ଦର।
ପୋଖରୀ ତୁଠରେ ଗାଈ ଗାଧୁଆ
କୋଳାହଳ ପୂର୍ଣ୍ଣ ଭାରି ବଢ଼ିଆ।
ଗୋମାତା ବନ୍ଦନା କଳସ ସଜା
ନାନା ଉପଚାରେ ହୁଅନ୍ତି ପୂଜା।
ଗୋପାଳ ଓଗାଳ ଲଉଡି ଖେଳ
ଭାବ ରସ ପୂର୍ଣ୍ଣ ମୁହୂର୍ତ୍ତ ବେଳ।

**–ବସନ୍ତ କୁମାର ଦାସ**
ରମ୍ଭା, ବରି, ଯାଜପୁର
ମୋ: ୯୦୭୮୩୩୦୩୭୯

## ଏଥରର ?

- ପେନ୍‌ସିଲିନ୍‌ର ଉଦ୍ଭାବକ କିଏ ?
- ଜଳର ରାସାୟନିକ ଫର୍ମୁଲା କ’ଣ ?
- ଆଧୁନିକ ପଦାର୍ଥ ବିଜ୍ଞାନର ଜନକ କିଏ ?
- ଦ୍ୱିତୀୟ ବିଶ୍ୱଯୁଦ୍ଧ କେବେ ଶେଷ ହୋଇଥିଲା ?
- ପ୍ରାଇଡ୍ ଆଣ୍ଡ ପ୍ରିଜୁଡାଇସ୍ ପୁସ୍ତକର ଲେଖକ କିଏ ?

## ଗତଥରର ଉତ୍ତର

- ପର୍ତ୍ତୁଗୀଜ୍
- ସାର୍ ଆଇଜାକ୍ ନିୟୁଟନ୍
- ଫ୍ରାନ୍ସ
- ଜର୍ଜ ଅରୱେଲ
- ନର୍ଥ ଆଣ୍ଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେସନ୍

## କହିଲ ଦେଖି

ଫାଲଗୁନ ମାସର ପୂନେଇଁ ତିଥି
ରାଧା କୃଷ୍ଣ ବିମାନରେ ବୁଲନ୍ତି,
ଦ୍ୱାରେ ଦ୍ୱାରେ ବୁଲି ଭୋଗକୁ ଖାଇ
ଦୋଳ ମଣ୍ଡପରେ ବିଜେ ହୁଅନ୍ତି,
ଫାଲଗୁନ ପୂର୍ଣ୍ଣିମା ଗୋଟିଏ ନାମ
ଅନ୍ୟ ନାମ ଗୋଟି କୁହ ତ ଦାମ !



ଉତ୍ତର – **ଦୋଳ ପୂର୍ଣ୍ଣିମା**

ଆସରେ ଆସରେ ଆସ
ରାଘବ ରହିମ୍ ଜଲିନ୍ଦ୍ର ଜିଆନା
ଆସି ଅଛି ମଧୁ ମାସ।
ସ୍ନେହ ପ୍ରେମ ଭାବ ମନରେ ଭରି
ଭେଦା ଭେଦ ଭୁଲି ଯିବା
ରଙ୍ଗ ବୋଳା ବୋଳି ହେବା।
ପରବ ନାମ କୁହ ତ କିସ
କହିଦେଇ ତୁମେ ଦୋଳିରେ ବସ !



**ଉତ୍ତର – ହୋଲି ପର୍ବ**

ଫଗୁ ଦଶମୀରେ ଚାଚେରୀ ଲୀଳା
ଦୋଳ ବେଦୀ ପରେ ଅବିର ଖେଳା
ବାହୁଡି ମନ୍ଦିର ରତ୍ନ ସିଂହାସନେ ବସି
ରତ୍ନ ଅଳଙ୍କାର ପିନ୍ଧି ଜଗା ଦିଏ ହସି।
ଏହି ବେଶ ନାମ କହିପାରିବ କି ଶଶି !



**ଉତ୍ତର – ରାଜରାଜେଶ୍ୱର ବେଶ**


ରାଧା ମାଧବଙ୍କୁ ସଙ୍ଗତେ ନେଇ
ଗୋପାଳ ଭାଇ ଓଗାଳ ଗାଇ।
ହୋଇଣ ମେଳ ଖେଳନ୍ତି ଏକ
ଭିନ୍ନ ସାମରିକ ଖେଳ।
ଖେଳ ନାମ ଦିଅ କହି
କହି ନ ପାରିଲେ ଗୋଠରେ ଜଗିବ ଗାଈ !



ଉତ୍ତର – **ଲଉଡ଼ି ଖେଳ**

**– ବୈକୁଣ୍ଠ ବିହାରୀ ସ୍ୱାଇଁ**
ଶରଣ ଶ୍ରୀକ୍ଷେତ୍ର, ଏକଘରିଆ, ଢେଙ୍କାନାଳ
ମୋ: ୯୯୩୭୨୩୯୮୨୮







# ବିଶାଳ ବୃକ୍ଷ

ଏମିତି ଏକ ବୃକ୍ଷ ରହିଛି ଯାହାକୁ ବିଶ୍ୱର ସବୁଠାରୁ ବିଶାଳ ବୃକ୍ଷ ଭାବରେ ଗ୍ରହଣ କରାଯାଇଛି। ତେବେ ଆସ ଜାଣିବା ଏହା କେତେ ପୁରାତନ। କାଲଫର୍ନିଆରେ ଅବସ୍ଥିତ ସିକୋଇୟା ନାସନାଲ ପାର୍କରେ ଏକ ବିଶାଳକାୟ ବୃକ୍ଷ ରହିଛି। ବୈଜ୍ଞାନିକଙ୍କ ମତରେ ଏହି ଗଛର ବୟସ ପ୍ରାୟ ୨୨୦୦-୨୭୦୦ ବର୍ଷ ହେବ। ଏହି ବୃକ୍ଷଟିର ନାମ 'ଜେନେରାଲ ଶେରମନ' ଏବଂ ଏହାର ଉଚ୍ଚତା ପାଖାପାଖି ୨୭୫ ଫୁଟ। ବୃକ୍ଷଟି ଏତେ ପୁରୁଣା ହେବା ସତ୍ତ୍ୱେ ପ୍ରତ୍ୟେକ ବର୍ଷ ଏଥିରେ ନୂଆ ନୂଆ ଡାଳ ଯୋଡି ହୋଇଥାଏ। ତତ୍ସଯୁକ୍ତ ଏହି ବୃକ୍ଷଟିର ବକ୍କଳର ମୋଟେଇ ପାଖାପାଖି ଦୁଇ ଫୁଟ୍ ହେବ। ତେଣୁ ଏଥିରେ ସହଜରେ ନିଆଁ ଲାଗି ନ ଥାଏ। ଅନ୍ୟପକ୍ଷରେ ଏହି ଗଛରୁ ଏକ ପ୍ରକାରର ନାଚୁରାଲ କେମିକାଲ କ୍ଷରଣ ହୋଇଥାଏ ଯାହା ଗଛକୁ ଶଢ଼ିବା ଏବଂ ବିଭିନ୍ନ ରୋଗପୋକ ଦାଉରୁ ରକ୍ଷା କରିଥାଏ।


# ଲବଙ୍ଗ ଦ୍ୱୀପ

ପିଲାଏ, ତୁମେ ତ ଆଗରୁ ଅନେକ ଦ୍ୱୀପ ବିଷୟରେ ଜାଣିଥିବ, ହେଲେ ଏଠାରେ ଏପରି ଏକ ଦ୍ୱୀପ ବିଷୟରେ ସୂଚନା ଦେଉଛୁ ଯାହା ଲବଙ୍ଗ ଦ୍ୱୀପ ନାମରେ ପରିଚିତ। ଆଫ୍ରିକାର ପୂର୍ବ ତଟରେ ଏକ ଟ୍ରପିକାଲ ଦ୍ୱୀପପୁଞ୍ଜ ସମୂହ ଅବସ୍ଥିତ ଯାହାକୁ ଜାଞ୍ଜିବର କୁହାଯାଏ। ଏଠାରେ ବହୁତ ପରିମାଣରେ ଲବଙ୍ଗ ମିଳିଥାଏ, ଯାହାକି ଅନ୍ୟାନ୍ୟ ଦେଶକୁ ମଧ୍ୟ ରପ୍ତାନୀ କରାଯାଉଥିବାରୁ ଏହାର ନାମ ଲବଙ୍ଗ ଦ୍ୱୀପ ରଖାଯାଇଛି। ତାଞ୍ଜାନିଆରେ ଅବସ୍ଥିତ ଜାଞ୍ଜିବର ସମ୍ପୂର୍ଣ୍ଣ ବିଶ୍ୱରେ ମସଲା ବେପାରରେ ପ୍ରମୁଖ ଭୂମିକା ନିର୍ବାହ କରେ। ଏଠାକାର ହୋଲସେଲ ବଜାରରେ ଏକ କିଗ୍ରା ଲବଙ୍ଗର ଦାମ୍ ପାଖାପାଖି ୪.୮୦ଡଲାର (ଭାରତୀୟ ମୁଦ୍ରାରେ ଏହାର ଦାମ୍ ପ୍ରାୟ ୪୦୦ରୁ ୪୫୦ ଟଙ୍କା)। ଆଶ୍ଚର୍ଯ୍ୟର କଥା ହେଲା ଯେତେବେଳେ ଜାଞ୍ଜିବର ଲବଙ୍ଗ ଭାରତରେ ପହଞ୍ଚେ ଏହାର ଦାମ୍ ପାଖାପାଖି ଦୁଇଗୁଣ ହୋଇଯାଏ। ଆମ ଦେଶରେ ଏହାର ଦାମ୍ ୭୦୦-୧୨୦୦ ଟଙ୍କା (ପ୍ରତି କିଗ୍ରା) ମଧ୍ୟରେ ରହିଥାଏ। ଭାରତର ଅଲଗା ଅଲଗା ସହରରେ ଲବଙ୍ଗର ଦାମ୍ ଭିନ୍ନ ହୋଇଥାଏ।




# ବର୍ଷେ ନ ଖାଇ ବଞ୍ଚିପାରୁଥିବା ଜୀବ

କଙ୍କଡା ବିଛା ଏପରି ଏକ ଜୀବ ଯିଏକି ପାଖାପାଖି ବର୍ଷେ ପର୍ଯ୍ୟନ୍ତ କିଛି ନ ଖାଇ ରହିପିବାର କ୍ଷମତା ରଖିଥାଏ। କେବଳ ସେତିକି ନୁହେଁ, ଏହି ଜୀବଟି ୬ ଦିନ ପର୍ଯ୍ୟନ୍ତ ଶ୍ୱାସକ୍ରିୟା ବିନା ମଧ୍ୟ ବଞ୍ଚିପାରେ। ଏହି ପ୍ରକ୍ରିୟାକୁ 'ବୁକ୍ ଲଙ୍ଗ୍ସ' କୁହାଯାଏ। ଏହି ଜୀବ ବିଷାକ୍ତ କିନ୍ତୁ ଏମାନଙ୍କର ସହନଶକ୍ତି ଅନ୍ୟ ପ୍ରାଣୀମାନଙ୍କ ଠାରୁ ଅଧିକ ହୋଇଥାଏ। କଙ୍କଡା ବିଛାର ହୃତପିଣ୍ଡ ବହିର ଫର୍ଦ ପରି ମୋଡା ମୋଡା ପ୍ଲେଟ ଭଳି ହୋଇଥାଏ। ଏହାର ଗଠନ ଏପରି ରହିଛି ଯେ ଏଥିରେ ବାୟୁ ସଂଗୃହୀତ ହୋଇ ରହିପାରିବ। ଏହି କାରଣରୁ ଯଦି କଙ୍କଡା ବିଛାକୁ କିଛି ସମୟ ପର୍ଯ୍ୟନ୍ତ ଅକ୍ସିଜେନ୍ ନ ମିଳିଲା ତେବେ ସେ ସହଜରେ ଜୀବିତ ରହିଥାଏ। ଏମାନଙ୍କୁ କମ୍ ପାଣିର ଆବଶ୍ୟକତା ହୋଇଥାଏ। ଏମାନେ ସାଧାରଣତଃ ମରୁଭୂମି, ଜଙ୍ଗଲ, ପଥୁରିଆ ସ୍ଥାନରେ ବେଶ୍ ସହଜରେ ଜୀବିତ ରହିପାରିବେ। ଏମାନେ ଅଲଟ୍ରା ଭାଓଲେଟ୍ କିରଣ ଦ୍ୱାରା ଅଧିକ ଚିକ୍ ମିକ୍ କରନ୍ତି। ଭାରତରେ ଦେଖାଯାଉଥିବା ରେଡ୍ ସ୍କର୍ପିଆନ୍ ବିଶ୍ୱର ସବୁଠାରୁ ବିଷାକ୍ତ କଙ୍କଡା ବିଛା ଭାବେ ଜଣାଶୁଣା। ଏହାର ଶୁଣ୍ଢ ବହୁତ ବିଷାକ୍ତ। ଏମାନେ ଭାରତ ବ୍ୟତୀତ ପାକିସ୍ତାନ, ନେପାଳ, ବାଂଲାଦେଶରେ ମଧ୍ୟ ଦେଖିବାକୁ ମିଳିଥାନ୍ତି।



# ଆଇନା



ପ୍ରାଞ୍ଜଳ ପ୍ରୀତ୍ ନାୟକ
୪ ବର୍ଷ/ ଭୁବନେଶ୍ୱର



ଶ୍ରୀନିକା ଓମ୍ ପାଣିଗ୍ରାହୀ
୭ ବର୍ଷ/ ଭୁବନେଶ୍ୱର